# NATIONAL NEWS BULLETIN (ODIA)

**3 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଭଗବାନ ବୁଦ୍ଧଙ୍କ ପବିତ୍ର ପିପରହୱା ଆନ୍ତର୍ଜାତିକ ପ୍ରଦର୍ଶନୀକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

- ବୁଲେଟ୍ ଟ୍ରେନ୍ ଚଳାଚଳ ପ୍ରମୁଖ ଅର୍ଥନୈତିକ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ଯୋଗାଯୋଗ ଓ ସମନ୍ୱୟ ବୃଦ୍ଧି କରିବ, କହିଲେ ରେଳମନ୍ତ୍ରୀ

- ଛତିଶଗଡ଼ରେ ୨ଟି ପୃଥକ ଘଟଣାରେ ସୁରକ୍ଷାବଳ ସହ ଗୁଳି ବିନିମୟରେ ୧୪ ମାଓବାଦୀ ମୃତ

- ଭାରତର ଆର୍ଥିକ କ୍ଷେତ୍ରରେ ୨୦୨୫ ଥିଲା ସଫଳତାର ବର୍ଷ

ଏବଂ

- ଘନ କୁହୁଡ଼ି ହେବା ନେଇ ୫ଟି ରାଜ୍ୟକୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ରେଡ ୱାର୍ଣ୍ଣିଂ ଜାରି

## ପିଏମ୍-ରେଲିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଭଗବାନ ବୁଦ୍ଧଙ୍କ ପବିତ୍ର ପିପରହୱା ଆନ୍ତର୍ଜାତିକ ପ୍ରଦର୍ଶନୀର ଉଦ୍‌ଘାଟନ କରିଛନ୍ତି । ଏହାର ବିଷୟବସ୍ତୁ ରହିଛି **ପବିତ୍ର ବୁଦ୍ଧଙ୍କ ଅବଶେଷ-ଆଲୋକ ଓ ପଦ୍ମ** । ନୂଆଦିଲ୍ଲୀର ରାୟପିଥୋରା ସାଂସ୍କୃତିକ କେନ୍ଦ୍ରରେ ଏହି ପ୍ରଦର୍ଶନୀ

ଆରମ୍ଭ ହୋଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭଗବାନ ବୁଦ୍ଧଙ୍କ ସହ ସଂପର୍କିତ ପ୍ରଦର୍ଶନୀର ବିଭିନ୍ନ ଭାଗ ବୁଲି ଦେଖିଛନ୍ତି ।

ପ୍ରଦର୍ଶନୀରେ ଏକ ସମାବେଶକୁ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦୀର୍ଘ ସମୟର ଅପେକ୍ଷା ପରେ ଦେଶକୁ ତା'ର ସ୍ଥାପତ୍ୟ ପ୍ରତ୍ୟାବର୍ତ୍ତନ କରିଛି, ଯାହା ଭାରତର ପବିତ୍ର ସ୍ମୃତିକୁ ଦର୍ଶାଉଛି। ଶ୍ରୀ ମୋଦୀ କହିଛନ୍ତି, ଆଜିଠାରୁ ଦେଶବାସୀ ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷର ଦର୍ଶନ କରିପାରିବେ ଏବଂ ଆଶୀଷ ଲାଭ କରିପାରିବେ ।

**V/O (PM-Buddha Relics)**

ପ୍ରଦର୍ଶନୀରେ ପ୍ରଥମଥର ପାଇଁ ପିପରହୱାରୁ ଏକ ଶତାବ୍ଦୀରୁ ଅଧିକ ସମୟ ପରେ ସଂଗୃହିତ ଅବଶେଷ ଗୁଡ଼ିକ ସ୍ଥାନିତ କରାଯାଇଛି । ୧୮୯୮ ମସିହାରେ ଆବିଷ୍କୃତ ପିପରହୱା ଅବଶେଷ ହେଉଛି, ଭଗବାନ ବୁଦ୍ଧଙ୍କ ସହିତ ଜଡ଼ିତ ପ୍ରାରମ୍ଭିକ ଏବଂ ଐତିହାସିକ ଅବଶେଷ ସଂଗ୍ରହ ମଧ୍ୟରୁ ଗୋଟିଏ । ଏହା ନୂଆଦିଲ୍ଲୀର ଜାତୀୟ ସଂଗ୍ରହାଳୟ ଏବଂ କୋଲକାତାର ଭାରତୀୟ ସଂଗ୍ରହାଳୟରେ ସଂରକ୍ଷିତ ରହିଛି । ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅନୁଯାୟୀ ପିପରହାୱା ସ୍ଥାନ ପ୍ରାଚୀନ କପିଳାବସ୍ତୁ ସହ ଜଡ଼ିତ ଯେଉଁଠାରେ ଭଗବାନ ବୁଦ୍ଧ ତାଙ୍କର ପ୍ରାରମ୍ଭିକ ଜୀବନ ବିତାଇଥିଲେ ।

ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ସଂସ୍କୃତିମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କହିଛନ୍ତି, ୧୨୭ ବର୍ଷ ପରେ ଭଗବାନ ବୁଦ୍ଧଙ୍କ ଅବଶେଷ ଭାରତକୁ ମିଳିପାରିଛି । ସାରା ଦେଶ ଏଥିପାଇଁ ଗର୍ବ ଅନୁଭବ କରୁଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଅନୁଯାୟୀ, ଦେଶର ସାଂସ୍କୃତିକ ଐତିହ୍ୟ ବହନ କରୁଥିବା ଐତିହାସିକ

ସ୍ଥାପତ୍ୟ ଗୁଡ଼ିକୁ ସଂରକ୍ଷଣ ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ଶେଖାଓ୍ୱତ କହିଛନ୍ତି ।

**V/O (Gajendra Singh Sekhawat)**

# ଅଶ୍ୱିନୀ ବୈଷ୍ଣବ-ବୁଲେଟ୍ ଟ୍ରେନ୍

ବୁଲେଟ ଟ୍ରେନ୍ ପ୍ରକଳ୍ପ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ବେଳେ ଏହାର ପରିଚାଳନା ସମୟରେ ଅତିରିକ୍ତ ସୁଯୋଗ ସୃଷ୍ଟି ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ଏହି ପ୍ରକଳ୍ପ ଶେଷ ହେଲେ ମୁମ୍ବାଇ ଏବଂ ଅହମ୍ମଦାବାଦ ମଧ୍ୟରେ ଯାତ୍ରା ସମୟ ହ୍ରାସ ପାଇ ୧ ଘଣ୍ଟା ୫୮ ମିନିଟ୍ ହେବ । ଫଳରେ ପ୍ରମୁଖ ଅର୍ଥନୈତିକ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ଯୋଗାଯୋଗ ଏବଂ ସମନ୍ୱୟ ବୃଦ୍ଧି ପାଇବ ।

ଗତକାଲି ପାଲଘର ଜିଲ୍ଲାର ବିରାର୍ ଏବଂ ବୋଇସର ବୁଲେଟ୍ ଟ୍ରେନ୍ ଷ୍ଟେସନ ମଧ୍ୟରେ ଦେଢ଼ କିଲୋମିଟର ଲମ୍ବ ପାହାଡ଼ିଆ ସୁଡ଼ଙ୍ଗର ନିର୍ମାଣରେ ସଫଳତା ମିଳିବା ପରେ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି, ସଂପୃକ୍ତ ପାହାଡ଼ିଆ ଟନେଲ୍‌କୁ ଉଭୟ ପାର୍ଶ୍ୱରୁ ଖାଲି କରିବା ଲାଗି ୧୮ ମାସ ସମୟ ଲାଗିଥିଲା । ସେ କହିଛନ୍ତି, ଏହି ପ୍ରକଳ୍ପ ଶେଷ ହେଲେ ସଡ଼କ ଓ ପରିବହନ କ୍ଷେତ୍ରରେ ସୃଷ୍ଟି ହେଉଥିବା ୯୫ ପ୍ରତିଶତ ଅଙ୍ଗାରକ ନିର୍ଗମନ ହ୍ରାସ ପାଇବ ।

ମହାରାଷ୍ଟ୍ରରେ ୭ଟି ପାହାଡ଼ିଆ ସୁଡ଼ଙ୍ଗ ନିର୍ମାଣ କାର୍ଯ୍ୟ ଜାରି ରହିଛି । ପ୍ରଥମ ସୁଡ଼ଙ୍ଗର ଲମ୍ବ ୮୨୦ ମିଟର ଥିବା ବେଳେ ଦ୍ୱିତୀୟ ସୁଡ଼ଙ୍ଗଟି ୨୨୮ ମିଟର, ତୃତୀୟଟି ୧ ହଜାର ୪୦୩ ମିଟର, ଚତୁର୍ଥଟି ୧ ହଜାର

୨୬୦ ମିଟର, ଷଷ୍ଠଟି ୪୫୪ ମିଟର ଏବଂ ସପ୍ତମଟି ୪୧୭ ମିଟର ଲମ୍ବ ରହିଛି ।

## ଛତିଶଗଡ଼ ମାଓଇଷ୍ଟ୍

ଛତିଶଗଡ଼ର ବିଜାପୁର ଓ ସୁକ୍ମା ଜିଲ୍ଲାରେ ଆଜି ସୁରକ୍ଷାବଳ ସହ ଗୁଳି ବିନିମୟରେ ୧୪ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ସୁକ୍ମା ଜିଲ୍ଲାରେ ୧୨ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ବିଜାପୁର ଜିଲ୍ଲାରେ ୨ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ପୋଲିସ୍ ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ବାସଗୁଡ଼ା ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ ଜିଲ୍ଲା ରିଜର୍ଭ ଗାର୍ଡର ଏକ ଦଳ ଖାନତଲାସି ଆରମ୍ଭ କରିଥିଲେ । ଗଙ୍ଗାପଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଆଜି ସକାଳେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା । ସର୍ବଶେଷ ସୂଚନା ଅନୁଯାୟୀ ଉଭୟପଟୁ ଗୁଳି ବିନିମୟ ଜାରି ରହିଛି ।

## ଇୟର୍ ଏଣ୍ଡର-ଫାଇନାନ୍ସ

ଭାରତର ବିକାଶ ଯାତ୍ରାରେ ୨୦୨୫ ଏକ ସଫଳ ବର୍ଷ ଥିଲା । ଗତବର୍ଷ ସରକାରଙ୍କ ନୀତିଗୁଡ଼ିକ ଦେଶର ଅର୍ଥନୈତିକ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ବାସ୍ତବତାର ରୂପ ନେଇଥିଲା । ସଂସ୍କାର ବର୍ଷ ସିରିଜ୍‌ରେ ଆସନ୍ତୁ ଜାଣିବା ୨୦୨୫ ମସିହାରେ ଆର୍ଥିକ କ୍ଷେତ୍ରରେ ଭାରତ ହାସଲ କରିଥିବା ସଫଳତା ସମ୍ପର୍କରେ ।

ଗତବର୍ଷ ଦେଶରେ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱସ୍ତରରେ ପ୍ରଭାବସୃଷ୍ଟି କରିଥିଲା । ବିଶ୍ୱ ବ୍ୟାଙ୍କ୍ ଭାରତକୁ ଜି-୭ ଏବଂ ଜି-୨୦ ରାଷ୍ଟ୍ରମାନଙ୍କ ଅର୍ଥନୈତିକ ବିକାଶ ସମକକ୍ଷ ଦେଶ ଭାବେ ଘୋଷଣା

କରିଥିଲା । ଆନ୍ତର୍ଜାତିକ ଶ୍ରମ ସଂଗଠନ ରିପୋର୍ଟ୍ ଅନୁଯାୟୀ ୨୦୧୫ରେ ଭାରତରେ ସାମାଜିକ ସୁରକ୍ଷା ୧୯ ପ୍ରତିଶତ ଥିବା ବେଳେ ୨୦୨୫ ସୁଦ୍ଧା ଏହା ୬୪ ଦଶମିକ୍ ୩ ପ୍ରତିଶତକୁ ବୃଦ୍ଧି ପାଇଛି ।

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଆଇ.ଏମ୍.ଏଫ୍. ଭାରତର ଏକିକୃତ ଦେୟ ବ୍ୟବସ୍ଥା ୟୁ.ପି.ଆଇ.କୁ ବିଶ୍ୱର ସର୍ବବୃହତ ରିୟଲ୍ ଟାଇମ୍ ପେମେଣ୍ଟ ସିଷ୍ଟମ୍ ଭାବରେ ସ୍ୱୀକୃତି ଦେଇଛି । ବିଶ୍ୱ ସ୍ତରରେ ୟୁ.ପି.ଆଇ. ମାଧ୍ୟମରେ ୪୯ ପ୍ରତିଶତ କାରବାର ହେଉଛି । ଅନ୍ୟ ପକ୍ଷରେ ଗତ ଦଶନ୍ଧିରେ ୧୭ ଦଶମିକ୍ ୧ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ବେଳେ ୟୁନେସ୍କୋ ସ୍ୱୀକୃତି ଏବଂ ବିଶ୍ୱ ନବସୃଜନ ସୂଚକାଙ୍କରେ ଭାରତ ୩୮ତମ ସ୍ଥାନକୁ ଉନ୍ନିତ ହୋଇଛି ।

## ଇସିଆଇ-ଡବ୍ଲୁବି ଭୋଟର୍ସ

ପଶ୍ଚିମବଙ୍ଗର ଚୂଡ଼ାନ୍ତ ଭୋଟର ତାଲିକାରେ ସ୍ୱୟଂକ୍ରିୟ ଭାବେ ୩ଟି ଆଦିମ ଜନଜାତି ସଂପ୍ରଦାୟର ଭୋଟରଙ୍କ ନାମ ସାମିଲ କରାଯିବା ଲାଗି ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି । ଭୋଟର ତାଲିକାରେ ସାମିଲ ହେବା ଲାଗି ସଂପୃକ୍ତ ଜନଜାତି ସଂପ୍ରଦାୟର ଲୋକମାନଙ୍କୁ କୌଣସି ପ୍ରାମାଣିକ ଦସ୍ତାବିଜ ଦେବାକୁ ପଡ଼ିବ ନାହିଁ ବୋଲି କମିଶନ କହିଛନ୍ତି । ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୀର୍‌ହୋର୍, ଟୋଟୋ ଏବଂ ଶବର ଜନଜାତିର ଅଧିବାସୀମାନଙ୍କୁ ଏଥିରେ ସାମିଲ କରାଯାଇଛି । କମିଶନଙ୍କ ନିର୍ଦ୍ଦେଶ ମୁତାବକ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ’ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ଆଦିମ ଜନଜାତି ଭୋଟରଙ୍କ ସଂପୂର୍ଣ୍ଣ ବିବରଣୀ ଦେବା ପରେ ସେମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ।

## ପ୍ୱେଦର

ଭାରତୀୟ ପାଣିପାଗ ବିଭାଗ ଘନ କୁହୁଡ଼ି ହେବା ନେଇ ଦିଲ୍ଲୀ, ହରିଆଣା, ପଞ୍ଜାବ, ଚଣ୍ଡୀଗଡ଼ ଏବଂ ଉତ୍ତରପ୍ରଦୋକୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ରେଡ୍ ୱାର୍ଣ୍ଣିଂ ଜାରି ରିଛି । ବିଭାଗ ପକ୍ଷରୁ ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ କୋହଲା ପବନ ବହିବା ନେଇ ମଧ୍ୟ ଅନୁମାନ କରାଯାଇଛି। ବିହାର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୋମବାର ପର୍ଯ୍ୟନ୍ତ ଦିନ ସମୟରେ ଥଣ୍ଡା ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ କହିଛି ।

ଘନ କୁହୁଡ଼ି ଯୋଗୁଁ ଦିଲ୍ଲୀରେ ବିମାନ ଉଡ଼ାଣ ଓ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଦିଲ୍ଲୀ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ଦୃଶ୍ୟମାନ ଦୂରତା ହ୍ରାସ ପାଇବା ଯୋଗୁଁ ୭୨ଟି ବିମାନ ଉଡ଼ାଣ ବାତିଲ କରାଯାଇଛି । ଭାରତୀୟ ରେଳବାଇର ଦିଲ୍ଲୀ ଡିଭିଜନ ପକ୍ଷରୁ ମିଳିଥିବା ସୂଚନା ମୂତାବକ ଦିଲ୍ଲୀକୁ ଆସୁଥିବା ଏବଂ ସେଠାରୁ ଚଳାଚଳ କରିବାକୁ ଥିବା ଟ୍ରେନ୍‌ଗୁଡ଼ିକ ୩ ଘଣ୍ଟାରୁ ଅଧିକ ବିଳମ୍ବରେ ଯାତ୍ରା କରୁଛନ୍ତି ।

---

## ବିସିସିଆଇ-କେକେଆର୍

ଆଇପିଏଲ୍ -୨୦୨୬ରୁ ବାଂଲାଦେଶ ଖେଳାଳି ମୁସ୍ତାଫିଜୁର୍ ରହମାନଙ୍କୁ ବାଦ୍ ଦେବାକୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ-ବିସିସିଆଇ କୋଲ୍‌କାତା ନାଇଟ୍ ରାଇଡର୍ସକୁ କହିଛି । କିଛିଦିନ ପୂର୍ବେ ହୋଇଥିବା ନିଲାମୀ ପ୍ରକ୍ରିୟାରେ କେକେଆର୍ ୩୦ ବର୍ଷୀୟ ବାମହାତୀ ବାଂଲାଦେଶୀ ବ୍ୟାଟ୍‌ସମ୍ୟାନ୍ ରହମାନ୍‌ଙ୍କୁ ୯ କୋଟି ୨୦ଲକ୍ଷ ଟଙ୍କାରେ କ୍ରୟ କରିଥିଲା ।

ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି, ରହମାନଙ୍କ ବଦଳରେ ଆବଶ୍ୟକ ପଡ଼ିଲେ କେକେଆର୍ ଆଉ ଜଣେ ଖେଳାଳିଙ୍କୁ ଦଳରେ ନେଇପାରିବେ । ସଂପ୍ରତି ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣ ଓ ହତ୍ୟାକୁ ନେଇ ଦେଶରେ ଉତ୍ତେଜନା ବୃଦ୍ଧି ପାଇବା ପ୍ରସଙ୍ଗରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଏହି ନିଷ୍ପତ୍ତି ଗ୍ରହଣ କରିଛି । ୨୦୧୬ ପରଠାରୁ ରହମାନ ୮ଟି ଆଇପିଏଲ୍‌ରେ ଖେଳି ସାରିଛନ୍ତି ।

---